# ନେତାଜୀ ସିଟି କଲେଜରେ ବାଲ୍ୟବିବାହ ନିରାକରଣ ସଚେତନତା



କଟକ,୧୨।୧୨(ଇମିସ): ରାଜାବଗିଚା ସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ୱାଇଆରସି, ଏନ୍‌ଏସ୍‌ଏସ୍‌, ଏନ୍‌ସିସି ୟୁନିଟ୍‌ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ଉଦ୍ୟମରେ ବାଲ୍ୟବିବାହ ଦୂରୀକରଣ, ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଓ ଉଦ୍ୟୋଗତା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ରୀନା ଘଡାଇ ହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍‌ ଅଧିକାରୀ ଅନନ୍ୟା ଅସ୍ମିତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡକ୍ଟର ସନ୍ତୋଷ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ମହାନ୍ତି, ସ୍ୱର୍ଣ୍ଣମୟୀ ଦାସ, ରଶ୍ମୀ ରଞ୍ଜନ ସ୍ୱାଇଁ ଡକ୍ଟର ହରିଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ସିସି ଅଧିକାରୀ ପ୍ରଜ୍ଞା ପ୍ରଣତି ସିଂହ ଧନ୍ୟବାଦ ଦେଇଥିଲେ ।